## ଟ୍ରାଫିକ ପୋଲିସ ଓ ଆମ୍ରି ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, (ବ୍ୟୁରୋ): ୩୨ତମ ଜାତୀୟ ସଡକ ସୁରକ୍ଷା ମାସର ଦ୍ୱିତୀୟ ଦିନ ମଙ୍ଗଳବାର ଟ୍ରାଫିକ ପୋଲିସ ଓ ଆମ୍ରି ହସ୍ପିଟାଲ ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଜି ଛକସ୍ଥିତ ଟ୍ରାଫିକ ଥାନା ପରିସରରେ ଏହି ଶିବିରକୁ ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟ୍ରାଫିକ ପୋଲିସର ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀଙ୍କ ରକ୍ତଚାପ, ମଧୁମେହ, ଇସିଜି, ଚକ୍ଷୁ ଆଦି ପରୀକ୍ଷା କରାଯାଇଥିଲା। ଆମ୍ରି ହସ୍ପିଟାଲ୍ ପକ୍ଷରୁ ଆଗାମୀ ଦିନରେ ସମସ୍ତ ଟ୍ରାଫିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷ କହିଛନ୍ତି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଜାତୀୟ ବିକ୍ରେତା ଦିବସ ପାଳନ ଓ ରକ୍ତଦାନ ଶିବିର, ରେଡକ୍ରସ ଭବନ, ସକାଳ ୯ଟା ୩୦।
- ଜାତୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ପୂର୍ବାହ୍ନ ୧୧ଟା ୩୦।
- ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟନ ସମାରୋହ, ରାଜାରାଣୀ ମନ୍ଦିର ପରିସର, ସନ୍ଧ୍ୟା ୬ଟା।
- ପ୍ରମୋଦ ପତି ଟ୍ରଷ୍ଟ ପକ୍ଷରୁ ସ୍ମୃତି ସଭା, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଥିଏଟର ପକ୍ଷରୁ 'ଏ ନବଘନର ଘର' ଉନ୍ମୋଚନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପ୍ରଥମ ସୁରଜତ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଫାଇନାଲ ମ୍ୟାଚ, ଭିଏସ୍‌ଏସ୍ ନଗର, ଡିଏଲ୍ କଲୋନି, ସନ୍ଧ୍ୟା ୭ଟା।

## ଯୁବ କଂଗ୍ରେସ ସଭାପତି ଚୟନକୁ ନେଇ ଇସ୍ତଫା ଦେଲେ ତଫିକ

ଭୁବନେଶ୍ୱର,୧୯।୧(ବ୍ୟୁରୋ): ରାଜ୍ୟ ଯୁବ କଂଗ୍ରେସ ଯୁଗ୍ମ ସମ୍ପାଦକ ସୟଦ ତଫିକ ଅଲ୍ଲୀ ଏକ ବାଇକ ରାଲି କରି କଂଗ୍ରେସ ଭବନଠାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ ତଫିକ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ଅବସରରେ ତଫିକ କହିଛନ୍ତି, ୨୦୧୮ ନଭେମ୍ବରରେ ଅଖିଳ ଭାରତ ଯୁବ କଂଗ୍ରେସ ରାଜ୍ୟବ୍ୟାପୀ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ ଲାଗି କୁହାଯାଇଥିଲା। ଏହାପରେ ସାଂଗଠନିକ ନିର୍ବାଚନ ହେବ ବୋଲି କୁହାଯାଇଥିବା ବେଳେ ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ତାହା ଘୁଞ୍ଚାଇ ଦିଆଗଲା। ହେଲେ ପରବର୍ତ୍ତୀ ସମୟରେ ଜଣଙ୍କୁ ଚୟନଭିତ୍ତିରେ ଯୁବ କଂଗ୍ରେସ ସଭାପତି କରାଗଲା। ସେ କିନ୍ତୁ ଯୁବ କଂଗ୍ରେସ ସଭାପତି ହେବା ଲାଗି ସଭ୍ୟ ସଂଗ୍ରହ କରିଥିଲେ ବୋଲି କହିଛନ୍ତି।

## ୧୦୨ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

ଭୁବନେଶ୍ୱର,୧୯।୧(ବ୍ୟୁରେ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ରାଜଧାନୀରୁ ଜଣେ ଲେଡି ବ୍ରାଉନ୍‌ସୁଗାର ବେପାରିଙ୍କୁ ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୮ ନାରାୟଣୀ ବସ୍ତିରେ ରହୁଥିବା ରଞ୍ଜୁ ନାୟକ (୨୮)। ରଞ୍ଜୁ ଘର ଘର ବୁଲି ଘରୋଇ ସହାୟକ ଭାବେ କାମ କରିବା ସହ ବ୍ରାଉନସୁଗାର ବେପାର ଚଳାଇଥିଲେ। ପୋଲିସ ତାଙ୍କଠାରୁ ୧୦୨ଗ୍ରାମ ବ୍ରାଉନସୁଗାର ଜବତ କରିଛି। ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଟିଏଫ୍‌ର ଜଣେ ଅଧିକାରୀଙ୍କ ସୂଚନାନୁସାରେ, ରଞ୍ଜୁ ନାରାୟଣୀ ବସ୍ତିରେ ରହିବା ସହ ସେଠାରେ ବ୍ରାଉନସୁଗାର ବେପାର କରୁଥିଲେ। ଏହାସହ ରାଜଧାନୀର ବିଭିନ୍ନ ସ୍ଥାନରେ ଲୋକଙ୍କ ଘରେ କାମ କରିବା ବାହାନାରେ ବେପାର ବଢ଼ାଇଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ତାଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଯୋଜନା କରିଥିଲା। ସୋମବାର ସନ୍ଧ୍ୟାରେ ରଞ୍ଜୁ ନାରାୟଣୀ ବସ୍ତିରେ ବ୍ରାଉନସୁଗାର ବେପାର କରିବା ସମୟରେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ ଧରିଥିଲା। ରଞ୍ଜୁଙ୍କୁ ଯାଞ୍ଚ କରିବାରୁ ତାଙ୍କଠାରୁ ବ୍ରାଉନସୁଗାର ମିଳିଥିଲା। ଏହାପରେ ତାଙ୍କୁ କ୍ୟାପିଟାଲ ଥାନା ପୋଲିସ ହେପାଜତକୁ ନେଇଥିଲା।

## ଚେକ୍ ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର,୧୯।୧(ବ୍ୟୁରେ): ଚେକ୍ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ର ମନୋଜ କୁମାର ପ୍ରଧାନ(୩୩)। ମନୋଜ ଖଣ୍ଡଗିରି ଥାନା ଡୁମୁଡୁମା ଫେଜ-୨ରେ ରହୁଥିଲେ। ପୋଲିସ ତାଙ୍କ ନିକଟରୁ ୧ଲକ୍ଷ ୭୦ହଜାର ଟଙ୍କାର ଉକ୍ତ ଚେକ୍‌ଟିକୁ ଜବତ କରିଛି। ସଞ୍ଜୀବ ଦାସ ନାମକ ଜଣେ ବ୍ୟବସାୟୀଙ୍କର କସ୍ମପଲ୍ଲୀ ଅଞ୍ଚଳରେ ଏକ ପ୍ଲାଇଉଡ୍ ଦୋକାନ ରହିଛି। କିଛିଦିନ ତଳେ ମନୋଜ ତାଙ୍କ ଦୋକାନରୁ ୨ ଲକ୍ଷ ୪୦ ହଜାର ଟଙ୍କାର ପ୍ଲାଇଉଡ୍ କିଣିଥିଲେ। ୭୦ ହଜାର ଟଙ୍କା ଦେବାପରେ ଅବଶିଷ୍ଟ ୧ ଲକ୍ଷ ୭୦ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। କିନ୍ତୁ ସଞ୍ଜୀବଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ପରବର୍ତ୍ତୀ ସମୟରେ ମନୋଜ ତାଙ୍କ ଦୋକାନରୁ ଉକ୍ତ ଚେକ୍‌ଟି ଚୋରି କରିନେଇଥିଲେ। ସଞ୍ଜୀବ ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।



ରାଜାରାଣୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁ ରାମହରି ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।



ପଣ୍ଡିତ ପୁରବାୟାନ ଚାଟାର୍ଜୀଙ୍କ ସିତାର ବାଦନ।

# ସିତାର ସାଙ୍ଗକୁ ଓଡ଼ିଶୀର ମୂର୍ଚ୍ଛନା

### ରାଜାରାଣୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଯନ୍ତ୍ର ସଙ୍ଗୀତ ସୀତାର ବାଦନ ସାଙ୍ଗକୁ ଓଡ଼ିଶୀ ସଙ୍ଗିତର ମୂର୍ଚ୍ଛନାରେ ମୁଖରିତ ହୋଇଥିଲା ରାଜାରାଣୀ ମନ୍ଦିର ପ୍ରାଙ୍ଗଣ। ଅବସର ଥିଲା ରାଜାରାଣୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଏହି ମହୋତ୍ସବକୁ ବହୁସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଥିଲା ବିଖ୍ୟାତ ଗାୟକ ତଥା ଓଡ଼ିଶୀ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରାମହରି ଦାସ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ। ଶେଷରେ କବି ବିଶ୍ୱନାଥ ଖୁଣ୍ଟିଆଙ୍କ ରଚନାରେ ଛାନ୍ଦ ଆହା ଧନୁର୍ଦ୍ଧର ବୀର ପରିବେଷିତ ହୋଇଥିଲା। ସୁନ୍ଦର ଓ ନିଖୁଣ ରାଗ ବିସ୍ତାର, ଆଲଙ୍କାରିକ ସର୍ଜନା ସାବଲୀଳ ଓ ଭାବୋଦ୍ଦୀପକ ପରିବେଷଣ ଦ୍ୱାରା ଗୁରୁ ରାମହରି ଦାସ ଓ ସାଥୀ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମର୍ଦ୍ଦଳରେ ଗୁରୁ ନିରଞ୍ଜନ ପାତ୍ର, ହାରମୋନିୟମ୍‌ରେ ଅଜୟ କୁମାର ଦାଶ ଏବଂ ତାନପୁରା ଓ କଣ୍ଠରେ ମାତୃ ପ୍ରସାଦ ଦାସ ଓ ସୃଷ୍ଟି ସ୍ୱରୂପା ମିଶ୍ର ସହଯୋଗ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତି ଥିଲା ସିତାର ବାଦନ। ବିଖ୍ୟାତ ସିତାର ବାଦକ ପଣ୍ଡିତ ପୁରବାୟାନ ଚାଟାର୍ଜୀଙ୍କ ସିତାର ବାଦନ ଉପସ୍ଥିତ ଶ୍ରୋତାଙ୍କୁ ବେଶ୍ କିଛି ସମୟ ଧରି ବାନ୍ଧି ରଖିଥିଲା। ପ୍ରଥମେ ସେ ରାଗ ପୁରିଆ କଲ୍ୟାଣ ସହିତ ବିଭିନ୍ନ ତାଳ ଓ ରାଗ ସମନ୍ୱୟରେ ସୀତାର ବାଦନ କରିଥିଲେ। ତବଲାରେ ଓଜସ ଆଢିଆ ସହଯୋଗ କରିଥିଲେ। ଅତିଥିଭାବେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ କୁମାର ରଥ ଯୋଗଦେଇଥିଲେ। ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ୨୨ରୁ 'ମିଡ୍‌ଟର୍ମ ଏଣ୍ଡ୍‌କନ୍ ୨୦୨୧'

### - ଭୁବନେଶ୍ୱରରେ ଦେଶର ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ଡାକ୍ତରୀ ବିଦ୍ୟାରେ ବିପ୍ଳବ ପାଇଁ ପ୍ରଥମଥର ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ସମ୍ମିଳନୀ। ଏଣ୍ଡୋସ୍କୋପି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଚାର ପ୍ରସାର ନିମନ୍ତେ ହାଇବ୍ରିଡ୍ ଓ ଭର୍ଚୁଆଲ ମାଡ୍‌ରେ ଅନୁଷ୍ଠିତ ହେବ 'ମିଡ୍‌ଟର୍ମ ଏଣ୍ଡ୍‌କନ୍ ୨୦୨୧' ସମ୍ମିଳନୀ। ଏଥିରେ ଦେଶବିଦେଶରୁ ପ୍ରାୟ ୧୫ ହଜାର ଖ୍ୟାତାନାମା ଚିକିତ୍ସା ବିଜ୍ଞାନୀ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ଛାତ୍ର ଓ ଗବେଷକ ଯୋଗଦେବେ। ପେଟ ରୋଗ ବିଶେଷଜ୍ଞ ଡା. ମନୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ଅବିନାଶ ବାଲେକୁଦ୍ରୁଙ୍କ ଦ୍ୱାରା ଆସନ୍ତା ୨୨ରୁ ଆରମ୍ଭ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀ ୩ଦିନ ଧରି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବ। ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏଣ୍ଡୋସ୍କୋପି ଅଫ୍ ଇଣ୍ଡିଆ(ଏସ୍‌ଜିଇଆଇ) ପକ୍ଷରୁ ବିଶ୍ୱ ଏଣ୍ଡୋସ୍କୋପି ଅନୁଷ୍ଠାନ ଓ ଆମେରିକୀୟ କଲେଜ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ସହଯୋଗରେ ଦେଶର ଏହି ପ୍ରଥମ ହାଇବ୍ରିଡ୍ ସମ୍ମିଳନୀ ହେବ। ମଙ୍ଗଳବାର ଏସ୍‌ଜିଇଆଇ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଣ୍ଡୋସ୍କୋପିଷ୍ଟ, ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟ, ଫିଜିସିଆନମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନା କରିବା ସହ ପ୍ରଶିକ୍ଷଣ ଶିବିର ଏବଂ ଲାଇଭ ସର୍ଜରୀ ୱାର୍କସପ୍ ଜରିଆରେ ଅଭିଜ୍ଞତା ବଖାଣିବେ। ଏହାସହ ଭର୍ଚୁଆଲ ଯୋଗେ ଦେଶ ବିଦେଶର ପ୍ରତିନିଧି ଅଂଶଗ୍ରହଣ କରିବେ। ଏହି ଅବସରରେ ବାଲୁକା କଳା ମାଧମରେ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ସହ ବିଶ୍ୱର ପ୍ରମୁଖ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରିଚିତ ହେବେ। ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ଯୁବ ଡାକ୍ତରମାନେ ସେମାନଙ୍କ ଅନୁସନ୍ଧାନ ଏବଂ ସନ୍ଦର୍ଭଗୁଡ଼ିକ ଉପସ୍ଥାପନ କରିବେ। ବୈଷୟିକ ଅଧିବେଶନରେ ଭିଡିଓ ଜରିଆରେ ଟେକ୍ନିସିଆନ ଓ ନର୍ସମାନଙ୍କୁ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଯୁଗ୍ମ ସମ୍ପାଦକ ଡା. ମାନସ କୁମାର ବେହେରା ଓ ଡା. ଜିମି ନାରାୟଣ ଏହାକୁ ପରିଚାଳନ କରିବେ।



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

## ଯୁବକଙ୍କୁ ଆକ୍ରମଣ କରି ଟଙ୍କା, ସୁନା ଲୁଟ୍

ଭୁବନେଶ୍ୱର,୧୯।୧(ବ୍ୟୁରେ)

ରାଜଧାନୀ ରାଜପଥରେ ରାତିରେ ମାତୁଛନ୍ତି ଲୁଟେରା। ସୋମବାର ବିଳମ୍ବିତ ରାତିରେ ଜଣେ ଖବରଦାତାଙ୍କୁ ଆକ୍ରମଣ କରିବା ସହ ତାଙ୍କଠାରୁ ମୋବାଇଲ୍ ଫୋନ୍, ୫ହଜାର ଟଙ୍କା ଓ ସୁନା ମୁଦି ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଇଂଲିଶ ଖବରକାଗଜର କର୍ମଚାରୀ ପ୍ରମୋଦ ମହାନ୍ତି। ଏନେଇ ପ୍ରମୋଦ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପ୍ରମୋଦ ଅଫିସ କାର୍ଯ୍ୟସାରି ରାତି ପ୍ରାୟ ୧୨ଟାରେ ଘରକୁ ଫେରୁଥିଲେ। ନୟାପଲ୍ଲୀ ଓଭରବ୍ରିଜ ନିକଟରେ ଦୁର୍ବୃତ୍ତମାନେ ଏକ କାରରେ ଆସି ତାଙ୍କ ବାଇକକୁ ବାଡେଇ ଦେଇଥିଲେ। ପ୍ରମୋଦ ପଡିଯିବା ପରେ ଦୁର୍ବୃତ୍ତମାନେ କାରରୁ ଓହ୍ଲାଇ ତାଙ୍କୁ ମାଡମାରି ଲୁଟ୍ କରି ଫେରାର ହୋଇଥିଲେ। ଆହତ ଅବସ୍ଥାରେ ପ୍ରମୋଦ ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲା।

### ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲା

# ଶୁଭ୍ରାଙ୍କୁ ୩ ଘଣ୍ଟା ଜେରା, ୩ ସହଯୋଗୀଙ୍କୁ ନୋଟିସ୍

ଭୁବନେଶ୍ୱର,୧୯।୧(ବ୍ୟୁରେ)

ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ରିମାଣ୍ଡରେ ଆସିଥିବା ଅଭିନେତ୍ରୀ ଶୁଭ୍ରା କୁଣ୍ଡୁଙ୍କୁ ଦ୍ୱିତୀୟ ଦିନରେ ସିବିଆଇ ୩ଘଣ୍ଟା ଜେରା କରିଛି। ଜେରାବେଳେ ଏହି ଠକେଇରେ ରାଜ୍ୟର ବହୁ ବଡ଼ ବଡ଼ ନେତା ଓ ପ୍ରଭାବଶାଳୀଙ୍କ ଲିଙ୍କ୍ ଥିବା ସୁରାକ୍ ମିଳିଥିବାରୁ ଏନେଇ ସିବିଆଇ ଶୁଭ୍ରାଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ ପଚାରିଥିଲା। ଏହି ସମୟରେ ଶୁଭ୍ରା ୩ଜଣ ସହଯୋଗୀଙ୍କ ନାମ ନେଇଥିଲେ। ଉକ୍ତ ତିନିଜଣ ଶୁଭ୍ରାଙ୍କ ସହ ସଂସ୍ଥାର ଚେୟାରମ୍ୟାନ୍ ଥିବା ସ୍ୱାମୀ ଗୌତମ କୁଣ୍ଡୁଙ୍କୁ ସହଯୋଗ କରୁଥିଲେ। ତାଙ୍କ ବୟାନ ଆଧାରରେ ସିବିଆଇ ସେମାନଙ୍କୁ ହାଜର ପାଇଁ ନୋଟିସ୍ ଦେଇଥିବା ସୂଚନା ମିଳିଛି। ତେବେ ସିବିଆଇ ପକ୍ଷରୁ ତାଙ୍କ ନାମ ପ୍ରକାଶ କରାଯାଇନାହିଁ। ଅନ୍ୟପକ୍ଷରେ ସିବିଆଇ ପକ୍ଷରୁ ଏହି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେମାନେ ଅନେକଥର କମ୍ପାନୀ କାର୍ଯ୍ୟରେ କୋଲକାତା ଯାଇଥିବା ସିବିଆଇ ଜାଣିବାକୁ ପାଇଛି। ତେଣୁ ଶୁଭ୍ରାଙ୍କୁ ସିବିଆଇ ଆଉଥରେ କୋଲକାତା ନେଇ ମାମଲାର ଅଧିକ ଖୋଳତାଡ଼ କରିବାକୁ ଯୋଜନା ରଖିଛି। ସୋମବାର ରାଜଧାନୀର ୩ ସ୍ଥାନରେ ସିବିଆଇ ଚଢଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସେଥିରୁ କିଛି ଜାଲ୍ କାଗଜପତ୍ର ଥିବା ଜଣାପଡିଛି। ସିବିଆଇର ତଦନ୍ତ ସରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଶୁଭ୍ରାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରୋଜ ଭ୍ୟାଲି ଚିଟ୍‌ଫଣ୍ଡ ସଂସ୍ଥା ୧୭ହଜାର ୫ଶହ କୋଟିର ଠକେଇ କରିଥିବାବେଳେ ଓଡ଼ିଶାରୁ ୫ଶହ କୋଟିରୁ ଊର୍ଦ୍ଧ୍ୱ ରହିଛି। ୨୦୧୩ ମସିହାରେ ଇଓଡବ୍ଲୁରେ ଅଭିଯୋଗ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ ହୋଇଥିଲା। ବାଲେଶ୍ୱର ଓ ପୁରୀରେ ୧୭ ଏକର ଜମି, ୫୩ କୋଟି ଟଙ୍କାର ଜମା ଜବତ କରାଯିବା ସହ ସଂସ୍ଥାର ଚେୟାରମ୍ୟାନ୍ ଗୌତମଙ୍କ ସମେତ ୧୨ଜଣଙ୍କୁ ଗିରଫ କରିଥିଲା।



ଅଭିନେତ୍ରୀ ଶୁଭ୍ରା କୁଣ୍ଡୁ

# ପୋଲିସ କମିଶନରଙ୍କୁ ଭେଟିଲେ କୁଳପତି

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

- ଆନ୍ଦୋଳନରତ ଛାତ୍ରଙ୍କ ସହ ଆଲୋଚନା
- ଅଣଛାତ୍ରଙ୍କ ପ୍ରବେଶ ଉପରେ ଲାଗିବ କଟକଣା

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ଘଟଣାକୁ ନେଇ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମଙ୍ଗଳବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଭେଟିଛନ୍ତି। କ୍ୟାମ୍ପସରେ ଅଶାନ୍ତ ପରିସ୍ଥିତି ସଂକ୍ରାନ୍ତରେ ସେ ଆଲୋଚନା କରିଛନ୍ତି। ଏଥିସହିତ ଶାନ୍ତି ଫେରାଇ ଆଣିବା ପାଇଁ ଆନ୍ଦୋଳନରତ ଛାତ୍ରଙ୍କ ସହ ମଧ୍ୟ କୁଳପତି ଆଲୋଚନା କରିଛନ୍ତି। ଆଲୋଚନାବେଳେ ଛାତ୍ରମାନେ କୁଳପତିଙ୍କୁ ବିଭିନ୍ନ ଦାବି ସମ୍ପର୍କରେ ଅବଗତ କରିବା ସହିତ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ତେବେ ଛାତ୍ରୀଛାତ୍ରଙ୍କୁ ସୁଷମ ଖାଦ୍ୟ ଦେବା ସହ ବାଣୀବିହାରରେ ଶାନ୍ତି ବଜାୟ ରଖିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଥିବା କୁଳପତି ଆଚାର୍ଯ୍ୟ କହିଛନ୍ତି। ସେପଟେ ବିଶ୍ୱବିଦ୍ୟାଳୟକୁ ଅଣଛାତ୍ର ପ୍ରବେଶକୁ ନେଇ ସେ କହିଛନ୍ତି, ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟକୁ ଅଣଛାତ୍ର ପ୍ରବେଶକୁ ବନ୍ଦ କରାଯିବ। ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ କରାଯିବ। ଯେଉଁମାନଙ୍କ ପାଖରେ ବିଶ୍ୱବିଦ୍ୟାଳୟ ପରିଚୟ ପତ୍ର ନ ଥିବ ସେମାନଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ ବୋଲି କୁଳପତି ଆଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିବା ପରେ ଗତ ୧୧ ତାରିଖରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଲିଛି। ହେଲେ ଆରମ୍ଭରୁ କ୍ୟାମ୍ପସ୍ ଅଶାନ୍ତ ହୋଇପଡିଥିବାରୁ ଚିନ୍ତା ବଢ଼ିଛି। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଓ ବିଭିନ୍ନ ଅବ୍ୟବସ୍ଥାକୁ ନେଇ କେତେଜଣ ଛାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟିବାକୁ ଯାଉଥିଲେ। ଅନ୍ୟଏକ ଛାତ୍ର ଗୋଷ୍ଠୀ ଏହାର ପ୍ରତିବାଦ କରିବାରୁ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିସହିତ ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ପ୍ରବେଶକୁ ନେଇ ମଧ୍ୟ ମୁହାଁମୁହିଁ ହୋଇଥିଲେ। ପ୍ରତିବାଦରେ ଗୋପବନ୍ଧୁ ଛାତ୍ରାବାସ ଆଗରେ ଛାତ୍ରମାନେ ଧାରଣା ଦେଇଥିଲେ। କିନ୍ତୁ ଅନ୍ୟଏକ ସୂତ୍ର ଅନୁସାରେ, ଠିକା କାମକୁ ନେଇ ଛାତ୍ର ବିବାଦ ମୁଣ୍ଡ ଟେକିଥିବା କୁହାଯାଉଛି। କେତେଜଣ ଅଣଛାତ୍ର ତଥା ରାଜନୈତିକ ଗୋଷ୍ଠୀ କ୍ୟାମ୍ପସରେ ପତିଆରା ବଢ଼ାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ ଛାତ୍ର ଗୋଷ୍ଠୀକୁ ହାତରେ ରଖି ଠିକାକାମ ହାତେଇବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ଦବ୍‌ଦବା ଦେଖାଉଥିବା ଗୋଷ୍ଠୀକୁ ଦବାଇବାକୁ ଉକ୍ତ ଛାତ୍ର ଗୋଷ୍ଠୀ ଅଣଛାତ୍ରଙ୍କୁ ଧରି ସୋମବାର ରାତିରେ ପ୍ରତିପକ୍ଷ ଗୋଷ୍ଠୀ ଉପରକୁ ଆକ୍ରମଣ କରିଥିଲା। ଏଥିରେ ୪ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଥିଲେ। ଗୋଷ୍ଠୀ ସଂଘର୍ଷ ପରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି ଆହୁରି ବଢ଼ିଯାଇଥିଲା। ଏହାପରଠୁ ବିଶ୍ୱବିଦ୍ୟାଳୟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଇତିଶ୍ରୀ



@ ବିବେକ



@ ସିଦ୍ଧାର୍ଥ



@ ଆଦିତ୍ୟ



@ ପିଙ୍କୁ



@ ବ୍ରହ୍ମାନନ୍ଦ



@ ସୌମ୍ୟରଞ୍ଜନ



@ ଅବନ୍ତୀ

## ତ୍ରିଲୋଚନପୁରରେ ଖୋଲିଲା ଧାନମଣ୍ଡି

**କଣାସ(ସ୍ୱ.ପ୍ର.) :** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମରେ ତ୍ରିଲୋଚନପୁର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ଏହି ସମିତିରେ ୨୩୨ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଚାଷୀ ଟୋକନ ପାଇଥିବା ବେଳେ ମାତ୍ର ଜଣେ ଚାଷୀ ଧାନ ବିକ୍ରି କରିଥିଲେ। ଏହି ଅବସରରେ ସମିତିର ପୂର୍ବତନ ସଭାପତି ସର୍ବେଶ୍ୱର ଦାସ ଆଚାର୍ଯ୍ୟ, ସମିତି ସମ୍ପାଦକ ବୈଦ୍ୟନାଥ ମହାପାତ୍ର, ଗୋପାଳ ରାଇସ ମିଲ୍‌ର କର୍ମଚାରୀ, ଚନ୍ଦନ ସିଂ, ଗିରିଜା ତ୍ରିପାଠୀ, ପ୍ରଫୁଲ୍ଲ ତ୍ରିପାଠୀ, ଦିଲୀପ ଦାସ, ନନ୍ଦକିଶୋର ଆଚାର୍ଯ୍ୟ, ବସନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ମୁତୟନ ହେବେ ୧୮ ପ୍ଲାଟୁନ୍ ଫୋର୍ସ

■ ୨୧ରୁ ବିନା କୋଭିଡ୍ ରିପୋର୍ଟରେ ଦାରୁଦିଅଁ ଦର୍ଶନ
■ ସ୍ଥିତି ଅନୁଧାନ କଲେ ଏସ୍‌ପି

**ପୁରୀ ଅଫିସ,୧୯।୧**

ଆସନ୍ତା ୨୧ ତାରିଖରୁ ବିନା କୋଭିଡ୍ ରିପୋର୍ଟରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଦାରୁଦିଅଁଙ୍କ ଦର୍ଶନ ମିଳିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲା ପ୍ରଶାସନର ମିଳିତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର ପୁରୀ ଏସ୍‌ପି କନୱର ବିଶାଲ ସିଂ ବଡଦାଣ୍ଡରେ ବୁଲି ବ୍ୟାରିକେଡ, ପାର୍କିଂ ଓ ପୋଲିସ ବ୍ୟବସ୍ଥା ସମ୍ପର୍କରେ ଅନୁଧାନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ୫୫ ସେକ୍ସନ ଅର୍ଥାତ୍ ୧୮ ପ୍ଲାଟୁନ୍ ପୋଲିସ ମୁତୟନ ହେବେ। ଆବଶ୍ୟକ ହେଲେ ଆହୁରି ଅଧିକ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ସିଂ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ଭିତରେ ୨ଜଣ ଇନ୍ସପେକ୍ଟର କିମ୍ବା ଏସ୍‌ଆଇ, ୮ଜଣ ଏସ୍‌ଆଇ କିମ୍ବା ଏଏସ୍‌ଆଇ, ୨୦ଜଣ କନଷ୍ଟେବଳ, ୧୦ଜଣ ହୋମଗାର୍ଡ ଓ ୯ ସେକ୍ସନ ଫୋର୍ସ ମୁତୟନ ହେବେ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏମାନଙ୍କୁ ନିୟୋଜିତ କରାଯିବ। ଆବଶ୍ୟକ ସ୍ଥଳେ ଶ୍ରୀମନ୍ଦିର ଭିତରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ। ଶ୍ରୀମନ୍ଦିର ଚାରିଦ୍ୱାରରେ ୬ଜଣ ଏସ୍‌ଆଇ କିମ୍ବା ଏଏସ୍‌ଆଇ, ୬ ଜଣ କନଷ୍ଟେବଳ ଓ ୧୩ ସେକ୍ସନ୍ ଫୋର୍ସ ମୁତୟନ ହେବେ। ସେହିଭଳି ସିଂହଦ୍ୱାରରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏଠାରେ ୨ଜଣ ଇନ୍ସପେକ୍ଟର କିମ୍ବା ଏସ୍‌ଆଇ, ୪ଜଣ ଏସ୍‌ଆଇ କିମ୍ବା ଏଏସ୍‌ଆଇ, ୮ଜଣ କନଷ୍ଟେବଳ, ୪ ସେକ୍ସନ ଫୋର୍ସ ମୁତୟନ ହେବେ। ଜୋତାଷ୍ଟାଣ୍ଡ ଓ କିଓସ୍କୋ ନିକଟରେ ୨ଜଣ ଏସ୍‌ଆଇ କିମ୍ବା ଏଏସଆଇ, ଜଣେ ହାବିଲଦାର, ୫ଜଣ କନଷ୍ଟେବଳ କାର୍ଯ୍ୟରେ ନିୟୋଜିତ ହେବେ। ବଡ଼ଦାଣ୍ଡରେ ଟ୍ରାଫିକ୍ ଓ ଆଇନଶୃଙ୍ଖଳା ପାଇଁ ୨ଜଣ ଇନ୍ସପେକ୍ଟର କିମ୍ବା ଏସ୍‌ଆଇ, ୧୪ ଜଣ ଏସ୍‌ଆଇ କିମ୍ବା ଏଏସ୍‌ଆଇ ଓ ୧୪ ସେକ୍ସନ ଫୋର୍ସ ଦାୟିତ୍ୱରେ ରହିବେ। ସେହିଭଳି ପ୍ରମୁଖ ଛକ ଓ ପାର୍କିଂ ପାଇଁ ଜଣେ ଏସ୍‌ଆଇ କିମ୍ବା ଇନ୍ସପେକ୍ଟର, ୪ ଜଣ ଏସ୍‌ଆଇ କିମ୍ବା ଏଏସ୍‌ଆଇ, ୪୦ ଜଣ ହୋମ୍‌ଗାର୍ଡ ଓ ୬ ସେକ୍ସନ ଫୋର୍ସ ନିୟୋଜିତ ହେବେ। ସମୁଦ୍ରକୂଳରେ ଜଣେ ଏସ୍‌ଆଇ ଓ ୬ସେକ୍ସନ ଫୋର୍ସ ମୁତୟନ ରହିବେ। ସେହିଭଳି ତଦାରଖ ଦାୟିତ୍ୱରେ ଏସ୍‌ପିଙ୍କ ସମେତ ୨ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି ରହିବେ। ପ୍ରଥମ ଥର ଶ୍ରୀମନ୍ଦିରରେ ବିନା କୋଭିଡ୍ ରିପୋର୍ଟରେ ସାଧାରଣ ଦର୍ଶନ ହେବାକୁ ଯାଉଥିବାରୁ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ୩୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ଧାଡ଼ି ଦର୍ଶନ ଓ ପାର୍କିଂ ବ୍ୟବସ୍ଥା କରାଯାଇଥିବା ଏସ୍‌ପି କହିଛନ୍ତି।


ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି କନୱର ବିଶାଲ ସିଂ ଅନୁଧାନ କରୁଛନ୍ତି।


ଭାରତୀୟ ସେନାର ଉପମୁଖ୍ୟ ଭାବେ ନିଯୁକ୍ତ ହେବାକୁ ଯାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତିଙ୍କ ପୁରୀ ଗସ୍ତ ଅବସରରେ ମଙ୍ଗଳବାର ତାଙ୍କୁ ଶାଶ୍ୱତ କୁମାର ସାହୁ ଦିଆସିଲି କାଠିରେ ତିଆରି କରିଥିବା ଟ୍ୟାଙ୍କ୍ କଳାକୃତି ଉପହାର ସ୍ୱରୂପ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ନୂଆ ରୂପ ନେବ ବେରବୋଇ ଗାନ୍ଧୀ ପୀଠ
#### ପର୍ଯ୍ୟଟନ ବିଭାଗ ପକ୍ଷରୁ ଜମିମାପ

**ଡେଲାଙ୍ଗ,୧୯।୧(ଡି.ଏନ୍.ଏ.):** ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ବେରବୋଇ ଗାନ୍ଧୀ ପୀଠ ନୂଆ ରୂପ ନେବାକୁ ଯାଉଛି। ଏହାର ଉନ୍ନତିକରଣ ପାଇଁ ମଙ୍ଗଳବାର ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧିକାରୀମାନେ ପହଞ୍ଚି ଜମି ମାପଚୁପ କରିଛନ୍ତି। ପର୍ଯ୍ୟଟନ ବିଭାଗର କନିଷ୍ଠଯନ୍ତ୍ରୀ ଶୁଭେନ୍ଦୁ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ଶ୍ରୀଧର ମାହାଲ ପହଞ୍ଚି ବିଭିନ୍ନ ଜମି ଦେଖିଥିଲେ। ସେମାନଙ୍କ ସହ ସ୍ଥାପତ୍ୟକାର ସତ୍ୟମ ମିଶ୍ର, ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାରିୟା, ଆରଆଇ ନଚିକେତା ଦାଶ, ଅମିନ ଅବିନାଶ ହେମ୍ବ୍ରମ ଓ କଲ୍ୟାଣୀ ଜେନା ଏବଂ ଗାନ୍ଧୀ ସ୍ମାରକୀ ସମିତି ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସମ୍ପାଦକ ଚନ୍ଦ୍ର ଶେଖର ବିଶ୍ୱାଳ ପ୍ରମୁଖ ଉପସ୍ଥିତରେ ଜିମି ମାପଚୁପ କରାଯାଇ ପର୍ଯ୍ୟଟନ ବିଭାଗକୁ ୫୩ ଡିସିମିଲ ଜମିର ପଟ୍ଟା ହସ୍ତାନ୍ତର କରାଗଲା। ଏହି ପୀଠର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟଙ୍କା ମଞ୍ଜୁର ହୋଇଥିଲେ ମଧ ଜମି ମାପଚୁପ ହୋଇ ପାରି ନ ଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏବେ ଉନ୍ନତି କାର୍ଯ୍ୟ ଖୁବଶୀଘ୍ର କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି।

### ୩ ଟ୍ରାକ୍ଟର ଜବତ, ୨ ଗିରଫ

**ନିମାପଡ଼ା,୧୯।୧(ଡି.ଏନ୍.ଏ.):** କୁଶଭଦ୍ରା ନଦୀ ନିମାପଡ଼ା ତହସିଲ ଅନ୍ତର୍ଗତ ଦିଘାଲୋ ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଚଢ଼ାଉ କରି ମଙ୍ଗଳବାର ୩ ଟ୍ରାକ୍ଟର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଦିପିରେଣ୍ଡା ଗ୍ରାମର ଅଜୟ କୁମାର ବେହେରା, ସର୍ବପଡ଼ା ଗ୍ରାମର ରତ୍ନାକର ଭୋଇ। ଏ ନେଇ ପୋଲିସ ପୃଥକ ୨ଟି ମାମଲା (ନଂ.୨୬, ୨୭/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କେତେକ ଅସାଧୁ ବାଲି ମାଫିଆ ଦିଘାଲୋ, ଧୃରପୁର, ବିଷ୍ଣୁପୁର, ଡେଣୁଅଁ, ପାଟପୁର ଆଦି କୁଶଭଦ୍ରା ଘାଟରୁ ଦୈନିକ ଟ୍ରାକ୍ଟର ଯୋଗେ ବେଆଇନ ବାଲିଚାଲାଣ କରୁଛନ୍ତି। ଏହାଦ୍ୱାରା ନିମାପଡ଼ା ରାଜସ୍ୱ ବିଭାଗର ରାଜସ୍ୱ ହାନି ଘଟୁଛି। ବାଲିମାଫିଆ ଓ ବାଲିଚାଲାଣ କରୁଥିବା ଟ୍ରାକ୍ଟର ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ମଙ୍ଗଳବାର ବାଲି ଚାଲାଣ ହେଉଥିବା ପୋଲିସ ଖବରପାଇ ଚଢ଼ାଉ କରି ୩ ଟ୍ରାକ୍ଟରକୁ ଧରିଥିଲା। ଏହି ସମୟରେ ଜଣେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ।

### କୃଷି ଆଇନକୁ ବିରୋଧ

**ପୁରୀ ଅଫିସ, ୧୯।୧:** ନୂତନ କୃଷି ଆଇନକୁ ବିରୋଧ କରି ଅଲ୍‌ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା (ଏଆଇକେଏମ୍‌କେଏସ୍) ପକ୍ଷରୁ ମଙ୍ଗଳବାର ପୁରୀ ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୁରୀ ଜିଲା ସମ୍ପାଦକ ବଟକୃଷ୍ଣ ସ୍ୱାଇଁ, ବାସୁଦେବ ଦାସ, ଅଶୋକ ସେଠୀ ଓ ମୋହନ ନାଇଡୁ ପ୍ରମୁଖ ଧାରଣାରେ ସାମିଲ ଥିଲେ। ଏହି ଆଇନ କାର୍ଯ୍ୟକାରୀ ହେଲେ କୃଷି ଓ କୃଷକ କ୍ଷତିଗ୍ରସ୍ତ ହେବେ। ତେଣୁ ତୁରନ୍ତ ୩ଟି କୃଷି ଆଇନକୁ ରଦ୍ଦ କରାଯିବାକୁ ଦାବି ହୋଇଛି।

### ଛାତ୍ରୀଙ୍କଠାରୁ ଲୁଟ୍: ୨ ଗିରଫ

**ପୁରୀ ଅଫିସ,୧୯।୧:** ଛାତ୍ରୀଙ୍କଠାରୁ ଲୁଟ୍ ଅଭିଯୋଗରେ ୨ଜଣ ଯୁବକଙ୍କୁ ରାଜେଶ୍ୱରୀ ଟାଉନ୍ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୃଷ୍ଣ କହଁର ଓ ଚନ୍ଦନ ସିଂ। ଏମାନଙ୍କଠାରୁ ଏକ ମୋବାଇଲ ଫୋନ୍ ଓ ୪୮ ହଜାର ୬ଶହ ଟଙ୍କା ଜବତ କରାଯାଇଛି। ଛାତ୍ରୀ ରାଜେଶ୍ୱରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୬ ତାରିଖ ରାତି ୮ଟାରେ ସେ ଟ୍ୟୁଶନ ସାରି ଫେରୁଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ସମ୍ମୁଖ ଅଞ୍ଚଳରେ ଅଭିଯୁକ୍ତ କୃଷ୍ଣ ତାଙ୍କୁ ଅଟକାଇ ବ୍ୟାଗ, ଏଟିଏମ୍ କାର୍ଡ ଛଡ଼ାଇ ନେଇ ପଳାଇଥିଲେ। ପରେ ଏଟିଏମରୁ କୃଷ୍ଣ ୪୬ହଜାର ୬ଶହ ଉଠାଇ ନେଇଥିଲେ। ଏ ନେଇ ରାଜେଶ୍ୱରୀ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ କୃଷ୍ଣଙ୍କୁ ଧରିଥିଲା। ପରେ ଟଙ୍କା ଓ ମୋବାଇଲ ଫୋନ୍ ରଖିଥିବା ତାଙ୍କ ସହଯୋଗୀ ଚନ୍ଦନଙ୍କୁ ଧରିଥିଲା।

## ଜନସାଧାରଣଙ୍କୁ ପରେଡ଼୍‌ସ୍ଥଳ ମନା

**ପୁରୀ ଅଫିସ,୧୯।୧**

ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ଏଥର ତାଳବଣିଆସ୍ଥିତ ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ହେବ। ସକାଳ ସାଢ଼େ ୮ଟାରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରିବେ। ପରେ କେବଳ ପୋଲିସ ବାହିନୀ ପକ୍ଷରୁ ପରେଡ୍ ହେବ। କରୋନା କଟକଣା ଦୃଷ୍ଟିରୁ ଜନସାଧାରଣଙ୍କୁ ପରେଡ଼୍‌ସ୍ଥଳକୁ ଆସିବା ପାଇଁ ବାରଣ କରାଯାଇଛି। କୋଭିଡ୍ ଯୋଦ୍ଧା ଓ କୋଭିଡ୍‌ରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କୁ ଉତ୍ସବସ୍ଥଳକୁ ନିମନ୍ତ୍ରଣ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ ଦାଶ, ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଗୋପ,୧୯।୧(ଡି.ଏନ୍.ଏ.):**

ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ସୋମବାର କାର୍ଯ୍ୟାଳୟରେ ବନ୍ତଳି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଦୁର୍ବ୍ୟବହାର କରିଥିବା ନେଇ ମଙ୍ଗଳବାର ଗୋପ ଥାନାରେ ଅଭିଯୋଗ ହୋଇଛି। ଏହାସହ ବିଡିଓ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଚିଠି (ନଂ.୧୫୨/୧୮।୧।୨୧) ଜରିଆରେ ଜଣାଇଛନ୍ତି। ଅନ୍ୟପଟେ ସରପଞ୍ଚଙ୍କ ସ୍ୱାମୀ ମଧ୍ୟ ବିଡିଓଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବନ୍ତଳି ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟ ଚାଲୁଥିବାବେଳେ ଖର୍ଚ୍ଚ ହେଉଥିବା ଟଙ୍କାର ହିସାବ ମିଳୁ ନ ଥିବା ଓ ବିଡିଓଙ୍କ ବିନା ଦସ୍ତଖତରେ ପେମେଣ୍ଟ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ସରକାରୀ ନିୟମ ଅନୁଯାୟୀ ପ୍ରତି ବର୍ଷ ପଞ୍ଚାୟତର ଆୟବ୍ୟୟ ସମ୍ପର୍କରେ ସମୀକ୍ଷା କରିବାର ନିୟମ ଥିବାରୁ ଗତ ୮ ତାରିଖରେ ବିଡିଓ ଦାସ ପଞ୍ଚାୟତ କାର୍ଯ୍ୟାଳୟରେ ସମୀକ୍ଷା କରିବା ଲାଗି ଚିଠି(ନଂ.୪୦୨୧, ୩୧।୧୨।୨୦) କରିଥିଲେ। କିନ୍ତୁ ସମୀକ୍ଷା ଦିନ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଆସିବାରୁ ବିଡିଓ ସମୀକ୍ଷା କରିପାରି ନ ଥିଲେ। ପରେ ବିଡିଓ ସମୀକ୍ଷା ପାଇଁ କହିଥିଲେ ବି ତାହା ହୋଇପାରୁ ନ ଥିଲା। ସୋମବାର ବିଡିଓ କାର୍ଯ୍ୟାଳୟରେ ଥିବାବେଳେ ବନ୍ତଳି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପହଞ୍ଚି ନାନା କଥାକୁ ନେଇ ଅଶାଳୀନ ବ୍ୟବହାର କରିଥିବା ବିଡିଓ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦାସଙ୍କୁ ପଚାରିବାରେ ବନ୍ତଳି ଗ୍ରାମ ପଞ୍ଚାୟତରେ ଅନିୟମିତତା ହୋଇଥିବାରୁ ସମୀକ୍ଷା ପାଇଁ ଯାଇଥିଲି। ଏହି କଥାକୁ ନେଇ ସରପଞ୍ଚଙ୍କ ସ୍ୱାମୀ ମୋ ଅଫିସରେ ଆସି ଗାଳିଗୁଲଜ କରିଥିଲେ ବୋଲି ସେ କହିଛନ୍ତି। ଅପରପକ୍ଷେ ସରପଞ୍ଚଙ୍କ ସ୍ୱାମୀ କହିଛନ୍ତି, ମୋ ପ୍ରତି ବିଡିଓ ଆଣିଥିବା ଅଭିଯୋଗ ଭିତ୍ତିହୀନ। ମୁଁ ପଞ୍ଚାୟତର କାର୍ଯ୍ୟ ବାବଦରେ ତାଙ୍କ ନିକଟକୁ ଯାଇଥିଲି। କିନ୍ତୁ ସେ କୌଣସି କଥା ନ ଶୁଣି ତଡ଼ିଦେବା ସହ ଗାଳି କରିଥିଲେ ବୋଲି କହିଛନ୍ତି। ସେହିଭଳି ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ତଦନ୍ତ ଜାରି ରହିଛି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୧୯।୧(ଡି.ଏନ୍.ଏ)**

ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଦୁଙ୍ଗର ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ବିଡିଓ କ୍ଷୀରୋଦ କୁମାର ବେହେରା, ସିଡିପିଓ ପ୍ରେମବାଳା ତ୍ରିପାଠୀ, ଏବିଡିଓ ସାରଦା ପ୍ରସନ୍ନ ମହାନ୍ତି, ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, ସହକାରୀ ଯନ୍ତ୍ରୀ ଭାସ୍କର ପ୍ରସାଦ ଶତପଥୀ, ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ସରପଞ୍ଚ ପ୍ରସନ୍ନ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ୭ଲକ୍ଷ ଟଙ୍କା ବ୍ୟୟରେ ଏହି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଛି। ସେହିପରି ବିଧାୟକ ସାମନ୍ତରାୟ ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରବେଶପଥରେ ସୁଉଚ୍ଚ ତୋରଣ, ବରାଳ ପ୍ରାଥମିକ ବିଦ୍ୟାଳୟରେ ଅଙ୍ଗନୱାଡ଼ି କେନ୍ଦ୍ର, ବରାଳ ମନ୍ଦିରରେ ଠାକୁରଙ୍କ ବିବାହ ମଣ୍ଡପର ଶିଳାନ୍ୟାସ କରିବା ସହ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ।

## ସାମ୍ୟବାଦୀ ନେତା ଲିଙ୍ଗରାଜଙ୍କ ସ୍ମୃତିସଭା

**ନିମାପଡ଼ା,୧୯।୧(ଡି.ଏନ୍.ଏ.)**

ନିମାପଡ଼ାର ସଂଗ୍ରାମୀ, ବିପ୍ଳବୀ, ସାମ୍ୟବାଦୀ ନେତା, ଚାଷୀ ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ୧୭ତମ ବାର୍ଷିକ ସ୍ମୃତି ସମାରୋହ ନିମାପଡ଼ା ସରକାରୀ ନୋଡାଲ ଉପା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇଙ୍କ ଅଧ୍ୟକ୍ଷତାରେ ଅତିଥି ଭବେ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମର୍ଥ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଯୁବନେତା ସନ୍ତୋଷ ଦାଶ, ସାମ୍ୟବାଦୀ ନେତା ଦେବେନ୍ଦ୍ର ସାହୁ, ସନାତନ ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ ଉତ୍ସବର ସଂଯୋଜନା କରିଥିଲେ।

## ଜମିରୁ ଜଳ ନିଷ୍କାସନ ନେଇ ସ୍ଥିତି ଅନୁଧାନ

ଖଲାସି ନାଳ ପୁନରୁଦ୍ଧାର, ରତ୍ନଚିରା ନଦୀ ଡ୍ରେଜିଂ ହେବ

**ସାକ୍ଷୀଗୋପାଳ, ୧୯।୧(ଡି.ଏନ.ଏ.)**

ଜଳ ନିଷ୍କାସନ ସମସ୍ୟା ଯୋଗୁ ଦୀର୍ଘ ୧୦ବର୍ଷ ହେଲା ଚାଷଜମିରେ ଉଦ୍‌ବୃତ୍ତ ଜଳ ଜମିରହୁଛି। ଏହି କାରଣରୁ ସାକ୍ଷୀଗୋପାଳ ଅଞ୍ଚଳର ସାରଙ୍ଗଯୋଡି, ବଳପୁର, କାଦୁଆ, ପେଣ୍ଠପଡ଼ା, ବୀରରାମଚନ୍ଦ୍ରପୁର, ବିଶ୍ୱନାଥପୁର, ଦୁଗଲ, ଜୟପୁର, ମୂଳଅଳସା ଏବଂ ଶ୍ରୀରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତର ୫ହଜାର ଏକରରୁ ଅଧିକ ଜମିରେ ଖରିଫ ଧାନ ଫସଲ ନଷ୍ଟ ହେଉଛି। ବିଲବାଡ଼ିରେ ପାଣି ପଶିବା ସହ ବର୍ଷା ବେଳେ ତଳିଆ ଅଞ୍ଚଳର ରାସ୍ତାଘାଟ ବୁଡ଼ିଯାଉଛି। ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦୂର ପାଇଁ ମଙ୍ଗଳବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହ ବିଭାଗୀୟ ଉଚ୍ଚ ଅଧିକାରୀ ପରିଦର୍ଶନରେ ଆସି ସ୍ଥିତି ଅନୁଧାନ କରିଛନ୍ତି। ଏହି ଅବସରରେ ପାଣିଭଣ୍ଡାର ଗ୍ରାମ କୋଠଘରେ ଅନୁଷ୍ଠିତ ଜନଶୁଣାଣିରେ ସେମାନେ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଉପରୋକ୍ତ ମୌଜାରେ ଥିବା ନାଳଗୁଡ଼ିକର ପୁନରୁଦ୍ଧାର କରାଯାଇ ରତ୍ନଚିରା ନଦୀକୁ ସଂଯୋଗୀକରଣ କରାଯିବ। ଖନନ ହୋଇ ନ ଥିବା ରତ୍ନଚିରା ନଦୀର ଅବଶିଷ୍ଟ ଅଂଶ ଡ୍ରେଜିଂ କରାଯିବ ବୋଲି ବିଧାୟକ କହିଛନ୍ତି। ଜଳସମ୍ପଦ ବିଭାଗ (ଡ୍ରେନେଜ୍) ମୁଖ୍ୟ ଯନ୍ତ୍ରୀ ଇଂ. ବିକ୍ରମ କେଶରୀ ସ୍ୱାଇଁ, ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ଭଗବାନ ଦାଶ, ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର ନାଥ ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ପଣ୍ଡା, ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ସୁନିଲ ପଣ୍ଡା, ସରପଞ୍ଚ ଯଦୁମଣି ପ୍ରଧାନଙ୍କ ସହିତ ରବୀନ୍ଦ୍ରନାଥ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଗୋବିନ୍ଦ ମିଶ୍ର, ଭିକାରି ପରିଡ଼ା, ଶିଖର ଗୁରୁ, ପ୍ରକାଶ ଖଟେଇ, ସମିତିସଭ୍ୟ ଏବଂ ଚାଷୀମାନେ ଉପସ୍ଥିତ ଥିଲେ।


ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଭାଗୀୟ ଉଚ୍ଚ ଅଧିକାରୀ ସ୍ଥିତି ଅନୁଧାନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଇତିଶ୍ରୀ


@ ବିବେକ


@ ସିଦ୍ଧାର୍ଥ


@ ଆଦିତ୍ୟ


@ ପିଙ୍କୁ


@ ବ୍ରହ୍ମାନନ୍ଦ


@ ସୌମ୍ୟରଞ୍ଜନ


@ ଅବନ୍ତୀ

